# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**17 June - 2024**

**News Editor : *Tapan Kumar Moharana***

**********************************

## ମୁଖ୍ୟ ସମ୍ବାଦ

- ରାଜ୍ୟର ଚାଷୀମାନଙ୍କର ସର୍ବାଙ୍ଗୀନ ଉନ୍ନତି ସରକାରଙ୍କର ପ୍ରାଥମିକତା; କହିଲେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ
- ଓଡ଼ିଶା ବିଧାନସଭାର ୩ ଦିନିଆ ସ୍ୱତନ୍ତ୍ର ଅଧିବେଶନ ଆସନ୍ତାକାଲିଠାରୁ ହେବ ଆରମ୍ଭ

— ଅଧିବେଶନରେ ନବନିର୍ବାଚିତ ବିଧାୟକମାନେ ନେବେ ଶପଥ

- ମୁସଲମାନ ସମ୍ପ୍ରଦାୟର ଭାଇଭଉଣୀମାନେ ଆନନ୍ଦ ଓ ଉଲ୍ଲାସର ସହ ପାଳନ କରୁଛନ୍ତି ସେବା, ତ୍ୟାଗ ଓ ସମର୍ପଣର ପର୍ବ ଇଦ୍‌-ଉଜ୍‌-ଜୁହା

ଏବଂ

- ରାଜ୍ୟରେ ଅଂଶୁଘାତ ଜନିତ ମୃତ୍ୟୁସଂଖ୍ୟା ୪୧କୁ ବୃଦ୍ଧି; ପଶ୍ଚିମ ଓଡ଼ିଶାର କେତେକ ଜିଲ୍ଲାରେ କାଳବୈଶାଖୀ ସମ୍ଭାବନା

## ମୁଖ୍ୟମନ୍ତ୍ରୀ-ଜଳସମ୍ପଦ ବୈଠକ

ରାଜ୍ୟର ଚାଷୀମାନଙ୍କର ସର୍ବାଙ୍ଗୀନ ଉନ୍ନତି ସରକାରଙ୍କର ପ୍ରାଥମିକତା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।  ଜଳସମ୍ପଦ ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ସହିତ ଆଜି ଆଲୋଚନା କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ବର୍ତ୍ତମାନ ଚାଲିଥିବା ଜଳସମ୍ପଦ ବିଭାଗର ପ୍ରକଳ୍ପଗୁଡ଼ିକୁ ଧାର୍ଯ୍ୟ ସମୟ ଭିତରେ ଶେଷ କରାଯିବ। ପୂର୍ତ୍ତ ବିଭାଗ ସହିତ ସମନ୍ୱୟ ରଖି ନିଷ୍ଠାର ସହିତ ସମ୍ପୂର୍ଣ୍ଣ ପାରଦର୍ଶୀତା ଅନୁସାରେ କାର୍ଯ୍ୟ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବର୍ଷାଋତୁରେ ପାଣିର ଉପଯୁକ୍ତ ସଂରକ୍ଷଣ ଏବଂ ବନ୍ୟା ପରିସ୍ଥିତିରେ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

## ମୁଖ୍ୟମନ୍ତ୍ରୀ-ଯୋଜନା ସଂଯୋଜନା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଆଜି ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ସହିତ ଯୋଜନା ଓ ସଂଯୋଜନା ବିଭାଗର ବରିଷ୍ଠ ଅଧିକାରୀମାନେ ସାକ୍ଷାତ କରି ଏହି ବିଭାଗ ଗୁଡ଼ିକର କାର୍ଯ୍ୟାବଳି ସମ୍ପର୍କରେ ଅବଗତ କରାଇଛନ୍ତି। ମୁଖ୍ୟମନ୍ତ୍ରୀ ଅର୍ଥ ବିଭାଗ ଏବଂ ବିଭିନ୍ନ ସହଭାଗୀମାନଙ୍କ ସହ ପରାମର୍ଶ କରି ଚଳିତ ଆର୍ଥିକ ବର୍ଷ ପାଇଁ ଏକ ଲୋକାଭିମୁଖୀ କାର୍ଯ୍ୟକ୍ରମ ବଜେଟ୍ ପ୍ରସ୍ତୁତ କରିବା ପାଇଁ ପରାମର୍ଶ ଦେଇଛନ୍ତି। ରାଜ୍ୟର ଲୋକମାନଙ୍କର ଆଶା ଓ ଆକାଂକ୍ଷାକୁ ଦୃଷ୍ଟିରେ ରଖି ବଜେଟ୍ କିପରି ଫଳପ୍ରଦ ହୋଇପାରିବ ମୁଖ୍ୟମନ୍ତ୍ରୀ ଏହି ସମ୍ବନ୍ଧରେ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଯୋଜନା ଓ ସଂଯୋଜନା ବିଭାଗର ସମସ୍ତ ଯୋଜନାଗୁଡ଼ିକୁ ଅଧିକ କାର୍ଯ୍ୟକ୍ଷମ ଓ ଫଳପ୍ରଦ କରିବା ଏବଂ

ଜିଲ୍ଲାସ୍ତରରେ ଯୋଜନା ପ୍ରଣୟନକୁ ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।

## ମୁଖ୍ୟମନ୍ତ୍ରୀ-ଟ୍ରେନ୍ ଦୁର୍ଘଟଣା

ପଶ୍ଚିମବଙ୍ଗର ନୂଆ ଜଳପାଇଗୁଡ଼ିଠାରେ ଘଟିଥିବା ଟ୍ରେନ୍ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ଘଟଣାଟି ଅତ୍ୟନ୍ତ ଦୁଃଖଦାୟକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ମୃତ ବ୍ୟକ୍ତିଙ୍କର ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହିତ ଆହତ ବ୍ୟକ୍ତିମାନଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି ।

## ଯୋଗ ଦିବସ

ବିଶ୍ୱ ଯୋଗ ଦିବସକୁ ରାଜ୍ୟରେ ବଡ଼ ଧରଣର ଆୟୋଜନ  ସହିତ ପାଳନ କରାଯିବ ବୋଲି କ୍ରୀଡାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି । ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ଠାରେ ଆଜି ବିଭାଗୀୟ ବରିଷ୍ଠ ଅଧିକାରୀଙ୍କ ସହିତ କ୍ରୀଡାମନ୍ତ୍ରୀ ଆଲୋଚନା କରି କହିଛନ୍ତି, ଓଡ଼ିଶାକୁ ବିଶ୍ୱ କ୍ରୀଡା ଜଗତରେ କ୍ରୀଡା ରାଜଧାନୀ ଭାବେ ପରିଣତ କରିବାକୁ ପଦକ୍ଷେପ ନିଆଯିବ । ରାଜ୍ୟରେ କ୍ରୀଡା କ୍ଷେତ୍ରରେ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ସମୀକ୍ଷା କରିବା ଅବସରରେ ମନ୍ତ୍ରୀ ଶ୍ରୀ ସୂରଜଙ୍କ ସହିତ ଆଲୋଚନାରେ କ୍ରୀଡା ସଚିବ ଭିନୀଲ କ୍ରିଷ୍ଣା, ପ୍ରମୁଖ ସଚିବ ଅରବିନ୍ଦ ଅଗ୍ରଓ୍ୱାଲ ପ୍ରମୁଖ ଭାଗ ନେଇଥିଲେ ।

## ନୂଆ ଆଇନ୍

ସାଧାରଣ ଲୋକଙ୍କୁ ସମୟ ଉପଯୋଗୀ ଏବଂ ତ୍ୱରିତ ନ୍ୟାୟ ଯୋଗାଇଦେବା ଉଦ୍ଦେଶ୍ୟରେ ଆସନ୍ତା ଜୁଲାଇ ମାସ ପହିଲାରୁ ନୂତନ ନାଗରିକ ସୁରକ୍ଷା ସଂହିତା, ନ୍ୟାୟ ସଂହିତା ଏବଂ ସାକ୍ଷ୍ୟ ଆଇନ୍ ଲାଗୁ ହେବ ।

ବ୍ରିଟିଶ୍ ଶାସନ କାଳର ପୁରୁଣା ଆଇନ୍‌କୁ  ପରିବର୍ତ୍ତନ କରି ଲାଗୁ ହେବାକୁ ଥିବା ନୂଆ ଆଇନ୍ ନ୍ୟାୟ ପ୍ରଦାନ କ୍ଷେତ୍ରରେ ଅଧିକ ସହଯୋଗୀ ହେବ ବୋଲି ରାଜ୍ୟ ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନ୍‌ଜୀବୀ ସୁବାଷ ଚନ୍ଦ୍ର ମହାନ୍ତି କହିଛନ୍ତି।  ନୂଆ ଆଇନ୍‌ରେ ଅନେକ ସଂସ୍କାରମୂଳକ ପଦକ୍ଷେପ ରହିଥିବା ସେ କହିଛନ୍ତି।

## ବିଧାନସଭା ଅଧିବେଶନ

ଓଡ଼ିଶା ବିଧାନସଭାର ୩ ଦିନିଆ ସ୍ୱତନ୍ତ୍ର ଅଧିବେଶନ ଆସନ୍ତାକାଲିଠାରୁ ଆରମ୍ଭ ହେଉଛି। ଅଧିବେଶନ କାଳରେ ନବନିର୍ବାଚିତ ବିଧାୟକମାନେ ଆସନ୍ତାକାଲି ଓ ୧୯ ତାରିଖରେ ଶପଥପାଠ କରିବେ। କାମଚଳା ବାଚସ୍ପତି ରଣେନ୍ଦ୍ର ପ୍ରତାପ ସ୍ୱାଇଁ  ବିଧାୟକମାନଙ୍କୁ ଶପଥପାଠ କରାଇବେ। ୨୦ ତାରିଖରେ ବିଧିବଦ୍ଧ ଭାବେ ବାଚସ୍ପତି ନିର୍ବାଚନ ଅନୁଷ୍ଠିତ ହେବ। ସ୍ୱତନ୍ତ୍ର ଅଧିବେଶନକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥା କଡାକଡି କରାଯିବ ବୋଲି ପୁଲିସ୍ ମହାନିର୍ଦ୍ଦେଶକ ଅରୁଣ ଷଡଙ୍ଗୀ କହିଛନ୍ତି। ଶ୍ରୀ ଷଡଙ୍ଗୀ ଆଜି ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଛନ୍ତି।

# କାଲି ଖୋଲିବ ସ୍କୁଲ

ରାଜ୍ୟର ବିଦ୍ୟାଳୟଗୁଡ଼ିକ ଖୋଲିବା ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଆଜି ଆଲୋଚନା କରିଛନ୍ତି। ସ୍କୁଲ ଖୋଲିବା ନେଇ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର

ଜେନା କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ସହିତ ଗଣଶିକ୍ଷାମନ୍ତ୍ରୀଙ୍କର ଆଲୋଚନା ଚାଲିଛି। ଏହି ସମ୍ପର୍କରେ ବିସ୍ତୃତ ସୂଚନା ଖୁବ୍ ଶୀଘ୍ର ମିଳିବ। ଅନ୍ୟପକ୍ଷରେ ଶ୍ରୀ ଜେନା କହିଛନ୍ତି, ଜିଲ୍ଲାପାଳମାନେ ସେମାନଙ୍କର ଜିଲ୍ଲାରେ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସ୍କୁଲ ଖୋଲିବା ନେଇ ନିଷ୍ପତ୍ତି ନେବେ। ଅନ୍ୟପକ୍ଷରେ, ସରକାରଙ୍କର ପୂର୍ବ ବିଜ୍ଞପ୍ତି ଅନୁସାରେ, ଆସନ୍ତାକାଲିଠାରୁ ରାଜ୍ୟରେ ସମସ୍ତ ବିଦ୍ୟାଳୟ ଖୋଲିବ ।

ଶିକ୍ଷକ, ପାଚିକା ଓ ସହାୟିକା ନିଜନିଜ ବିଦ୍ୟାଳୟକୁ ଆଜି ଆସି ରୋଷେଇଶାଳ ଓ ରୋଷେଇ ସାମଗ୍ରୀକୁ ଯାଞ୍ଚ କରିଛନ୍ତି। ଆସନ୍ତାକାଲିଠାରୁ ବିଦ୍ୟାର୍ଥୀମାନଙ୍କୁ ନିୟମିତ ମଧ୍ୟାହ୍ନଭୋଜନ ଦିଆଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି ।

## ଇଦ୍-ଉଜ୍-ଜୁହା

ସମଗ୍ର ରାଜ୍ୟରେ ଆଜି ଇଦ୍-ଉଜ୍-ଜୁହା ପର୍ବ ପାଳନ କରାଯାଉଛି । ଏହି ଅବସରରେ ମୁସଲମାନ ସମ୍ପ୍ରଦାୟ ବ୍ୟକ୍ତିଙ୍କ ପକ୍ଷରୁ ରାଜ୍ୟର ବିଭିନ୍ନ ଇଦଗାହ ଓ ମସ୍‌ଜିଦ୍‌ରେ ସମୂହ ନମାଜପାଠରେ ଆୟୋଜନ କରାଯାଇଛି ।

**ରାଷ୍ଟ୍ରପତି** ଦ୍ରୌପଦୀ ମୁର୍ମୁ ଇଦ୍-ଉଜ୍-ଜୁହା ଅବସରରେ ସମସ୍ତ ଦେଶବାସୀ ଓ ବିଦେଶରେ ରହୁଥିବା ଭାରତୀୟ ମୁସଲିମ୍ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି। ଉପରାଷ୍ଟ୍ରପତି ଜଗଦୀପ ଧନଖଡ

ଶୁଭେଚ୍ଛା ଜଣାଇ ଇଦ୍-ଉଜ୍-ଜୁହା ପର୍ବ ଆମକୁ ଏକତା, ଦୟା ଓ ବନ୍ଧୁତ୍ୱର ବାର୍ତ୍ତା ଦେଇଥାଏ ବୋଲି କହିଛନ୍ତି।

ଇଦ୍-ଉଜ୍-ଜୁହା ଲାଗି **ରାଜ୍ୟପାଳ** ରଘୁବର ଦାସ ଅଭିନନ୍ଦନ ଜଣାଇଛନ୍ତି । ସେବା, ସମର୍ପଣ, ତ୍ୟାଗର ଏହି ପର୍ବରେ ସମସ୍ତେ ସାମିଲ ହେବା ସହ ସର୍ବାଙ୍ଗୀନ ବିକାଶ ଲାଗି ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରିବାକୁ ରାଜ୍ୟପାଳ ଆହ୍ୱାନ ଦେଇଛନ୍ତି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ପର୍ବ ଉପଲକ୍ଷେ ଶୁଭେଚ୍ଛା ଜଣାଇବା ସହ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରିଛନ୍ତି ।

ଇଦ୍-ଉଜ୍-ଜୁହା ଉପଲକ୍ଷେ **ଭଦ୍ରକ**ର ବିଭିନ୍ନ ସ୍ଥାନରେ ସାମୁହିକ ପ୍ରାର୍ଥନା ଓ ନମାଜପାଠ ଅନୁଷ୍ଠିତ ହୋଇଛି। ଜିଲ୍ଲାର କଦମ୍ବବେଦା କୁଆଁସ ଗ୍ରାମରେ ଇଦ୍ ଗାହ ମସ୍‌ଜିଦ୍ ସମେତ ଅନ୍ୟ ମସ୍‌ଜିଦ୍‌ଗୁଡ଼ିକରେ ଶ୍ରଦ୍ଧାଳୁମାନେ ଏହି ପର୍ବ ପାଳନ କରୁଛନ୍ତି। **ନବରଙ୍ଗପୁର** ଜିଲ୍ଲାରେ ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ସମୂହ ନମାଜପାଠ ସହ ପରସ୍ପରକୁ ଶୁଭେଚ୍ଛା ଜଣାଇଛନ୍ତି। ଜିଲ୍ଲାରେ ଥିବା ମସ୍‌ଜିଦ୍‌ଗୁଡ଼ିକୁ ସୁନ୍ଦର ଭାବରେ ସଜାଯାଇଛି। **ସୁବର୍ଣ୍ଣପୁର** ଜିଲ୍ଲାର ୨ଟି ମସ୍‌ଜିଦ୍‌ରେ ଇଦ୍-ଉଜ୍-ଜୁହା ପର୍ବ ପାଳିତ ହୋଇଛି। ସାମ୍ପ୍ରତିକ ସମୟରେ ଭାଇଚାରା ପ୍ରତିଷ୍ଠା ଲାଗି ମୁସ୍‌ଲିମ୍ ଗୁରୁମାନେ ଆହ୍ୱାନ ଦେଇଛନ୍ତି। **କେନ୍ଦ୍ରାପଡ଼ା** ଜିଲ୍ଲା ପୁରୁଣା ଇଦ୍‌ଗାହ ନୂଆ ଇଦ୍‌ଗାହ ପଡିଆ ଏବଂ ମହମ୍ମଦୀ ମସ୍‌ଜିଦ୍ ପରିସରରେ ସମୂହ ନମାଜପାଠ ସହିତ ମୌଲାନାମାନେ ପବିତ୍ର କୋରାନ ଉପରେ ପ୍ରବଚନ ପ୍ରଦାନ କରିଛନ୍ତି। **କଟକ** ଜିଲ୍ଲାର ପ୍ରମୁଖ

ମସ୍‌ଜିଦ୍‌ଗୁଡ଼ିକରେ ଭାଇଚାରା ଓ ଏକତାର ପର୍ବ ଇଦ୍ ଉଜ୍ ଜୁହା ପାଳିତ ହୋଇଯାଇଛି। ଇଦ୍‌ଗାଠାରେ ସମୂହ ନମାଜପାଠ ସହିତ ମୁସଲିମ୍ ସମ୍ପ୍ରଦାୟର ଭାଇଭଉଣୀମାନେ ପରସ୍ପରକୁ ଶୁଭେଚ୍ଛା ଜଣାଇଛନ୍ତି। ରାଜ୍ୟର ଅନ୍ୟାନ୍ୟ ସ୍ଥାନଗୁଡ଼ିକରେ ଇଦ୍ ଉଜ୍ ଜୁହା ପର୍ବ ପାଳନ କରାଯାଉଛି। ସୁରକ୍ଷା ଦୃଷ୍ଟିରୁ ବିଭିନ୍ନ ସ୍ଥାନରେ ପୁଲିସ୍ ମୁତୟନ କରାଯାଇଛି।

## ହାଇକୋର୍ଟ

ରାଜ୍ୟ ଆଇନ୍ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଆଜି କଟକ ଗସ୍ତରେ ଆସି ବିଭିନ୍ନ ବର୍ଗଙ୍କ ଲୋକଙ୍କ ସହିତ ଆଲୋଚନା କରିଛନ୍ତି। ଏହି ଅବସରରେ ସାମ୍ବାଦିକମାନଙ୍କୁ ସୂଚନା ଦେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି, କଟକର ସଂସ୍କୃତି, ପରମ୍ପରା ଓ ଐତିହ୍ୟ ସର୍ବପୁରାତନ। ତେଣୁ ସେହି ଐତିହ୍ୟଗୁଡ଼ିକର ସୁରକ୍ଷା ଦିଗରେ ନୂଆ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାପାଇଁ ନିଷ୍ପତ୍ତି ନେଇଛନ୍ତି। ସେ କହିଛନ୍ତି, କଟକ ବଡ଼ମେଡିକାଲର ବିଭିନ୍ନ ବିକାଶମୂଳକ କାମ ତ୍ୱରାନ୍ୱିତ କରାଯିବା ସହ ଏହାକୁ ଅତ୍ୟାଧୁନିକ ଓ ବିଶ୍ୱସ୍ତରୀୟ ଡାକ୍ତରଖାନାରେ ପରିଣତ କରାଯିବାକୁ ଲକ୍ଷ୍ୟ ରଖାଯାଇଛି।

ଅନ୍ୟପକ୍ଷରେ, ରାଜ୍ୟରେ ନୂଆ ସରକାର ବେଆଇନ୍ ମଦ କାରବାର ସମ୍ପୂର୍ଣ୍ଣ ବନ୍ଦ କରିବା ଦିଗରେ ପଦକ୍ଷେପ ନେବେ ବୋଲି ଆଇନ୍‌ମନ୍ତ୍ରୀ କହିଛନ୍ତି। ମନ୍ତ୍ରୀ ଶ୍ରୀ ହରିଚନ୍ଦନ ହାଇକୋର୍ଟର ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂଙ୍କୁ କ୍ୟାଣ୍ଟନ୍‌ମେଣ୍ଟ ସ୍ଥିତ ବାସଭବନରେ ସାକ୍ଷାତକରି ରାଜ୍ୟ

ଆଇନ୍‌ସେବା ପ୍ରାଧିକରଣ ଓ ହାଇକୋର୍ଟର ଆବଶ୍ୟକ ଭିତ୍ତିଭୂମି ସୁଦୃଢ଼ କରିବା ଉପରେ ଆଲୋଚନା କରିଥିଲେ।

## ହାତୀମୃତ୍ୟୁ

ଆଠଗଡ ବନାଞ୍ଚଳ ଅନ୍ତର୍ଗତ ଜେନାପଦା ଗ୍ରାମ ନିକଟରେ ଆଜି ୨ଟି ଦନ୍ତା ହାତୀର ମୃତ୍ୟୁ ହୋଇଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ସୂଚନା ଅନୁଯାୟୀ, ଭୁବନେଶ୍ୱରରୁ ଏକ ବିଶେଷଜ୍ଞ ଦଳ ମୃତ ହାତୀ ଦୁଇଟିର ବ୍ୟବଚ୍ଛେଦ କରିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହୋଇପାରିବ ବୋଲି ଡିଏଫଓ ଡାକ୍ତର ଯଜ୍ଞଦତ୍ତ ପତି କହିଛନ୍ତି।

## ପାଣିପାଗ-ଅଶୁଘାତ ମୃତ୍ୟୁ

ରାଜ୍ୟରେ ବିଭିନ୍ନ ସ୍ଥାନରେ ଗ୍ରୀଷ୍ମପ୍ରବାହ ସହିତ ଉପକୂଳ ଜିଲ୍ଲାଗୁଡ଼ିକରେ ଗୁଳୁଗୁଳି ଯୋଗୁଁ ସାଧାରଣ ଜୀବନଯାତ୍ରା ବ୍ୟାହତ ହେଉଛି। ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁଯାୟୀ, ଆସନ୍ତାକାଲିଠାରୁ କେତେକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ଅଛି। ଲଘୁଚାପ ସୃଷ୍ଟି ହେଉ ନ ଥିବାରୁ ମୌସୁମୀ ଆଗକୁ ଅଗ୍ରସର ହୋଇପାରୁ ନାହ ବୋଲି ଆଂଚଳିକ ପାଣିପାଗ ବିଭାଗ ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି। ସୂଚନା ଅନୁସାରେ, ବରଗଡ଼, ଝାରସୁଗୁଡ଼ା ଓ ସମ୍ବଲପୁର ସହିତ ରାଜ୍ୟର କେତେକ ସ୍ଥାନରେ କାଳବୈଶାଖୀ ଜନିତ ବର୍ଷା ସମ୍ଭାବନା ରହିଛି।

ଅନ୍ୟପକ୍ଷରେ, ଚଳିତ ଗ୍ରୀଷ୍ମପ୍ରବାହ ଯୋଗୁଁ ରାଜ୍ୟରେ ଅଂଶୁଘାତ ଜନିତ ମୃତ୍ୟୁସଂଖ୍ୟା ୪୧ କୁ ବୃଦ୍ଧି ପାଇଛି ବୋଲି ସ୍ୱତନ୍ତ୍ର ରିଲିଫ କମିଶନର ସତ୍ୟବ୍ରତ ସାହୁ କହିଛନ୍ତି। ସୂଚନା ଅନୁସାରେ, ବର୍ତ୍ତମାନସୁଦ୍ଧା ଅଂଶୁଘାତ ଜନିତ ମୃତ୍ୟୁ ନେଇ ୧୬୧ଟି ଅଭିଯୋଗ ସରକାରଙ୍କ ହସ୍ତଗତ ହୋଇଛି। ଅଂଶୁଘାତ ଜନିତ ମୃତ୍ୟୁ ଅଭିଯୋଗକୁ ନେଇ ସରକାରୀ ସ୍ତରରେ ଅନୁସନ୍ଧାନ ଚାଲିଛି।

*******************************